# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 7 March - 2026

**********************************

## ମୁଖ୍ୟ ସମ୍ବାଦ

- ୨୦୪୭ ମସିହା ସୁଦ୍ଧା ୬୦ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର

— ପୁରୀଠାରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବାବଦରେ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତାରାଶି ପ୍ରଦାନକରି କହିଲେ ମୁଖ୍ୟମନ୍ତ୍ରୀ

- ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ହେବ ଆରମ୍ଭ

- ବିକଶିତ ଓଡ଼ିଶା ଗଠନରେ ପ୍ରବାସୀ ଓଡ଼ିଆଙ୍କ ଶତ ପ୍ରତିଶତ ଯୋଗଦାନ ରହିବ; କହିଲେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଏବଂ

- ପଶ୍ଚିମା ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟରେ ବଜ୍ରପାତ ସହ ବର୍ଷା ନେଇ ୮ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ସୁଭଦ୍ରା-ଚତୁର୍ଥ କିସ୍ତି

ସୁଭଦ୍ରା ହିତାଧିକାରୀଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଫଳରେ ଏକ ବିକଶିତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୀ ତାଳବଣିଆ ପଡିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ବାବଦରେ ପ୍ରାୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ମହିଳା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ସରକାର ସାକାର କରୁଛନ୍ତି। ସୁଭଦ୍ରା ଯୋଜନା ରାଜ୍ୟର ମହିଳା ସୁଭଦ୍ରା ଶକ୍ତିର ନିଚ୍ଛକ ପ୍ରତିଛବି। ମହିଳାଙ୍କ ସମୃଦ୍ଧି ବିକଶିତ ଓଡ଼ିଶାର ଲକ୍ଷ୍ୟକୁ ତ୍ୱରାନ୍ୱିତ କରିବ। ଚଳିତ କିସ୍ତିରେ ୨ ଲକ୍ଷ ୧୩ ହଜାର ନୂତନ ହିତାଧିକାରୀ ସୁଭଦ୍ରା ଯୋଜନାର ଅର୍ଥରାଶି ପାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୩ଟି କିସ୍ତିରେ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ମହିଳାଙ୍କ ଜମା ଖାତାକୁ ହସ୍ତାନ୍ତର କରାଯାଇଛି।

ଆଜିର କାର୍ଯ୍ୟକ୍ରମରେ ପ୍ରାୟ ୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତାରାଶି ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଇଆଇଏମ୍ ସମ୍ବଲପୁରର ସର୍ଭେ ରିପୋର୍ଟ ଉନ୍ମୋଚନ କରିଥିଲେ। ରିପୋର୍ଟ ଅନୁଯାୟୀ ୨୫ ଦଶମିକ ୫/୨ ପ୍ରତିଶତ ହିତାଧିକାରୀ ସୁଭଦ୍ରା ସହାୟତା ରାଶିକୁ ବ୍ୟବସାୟରେ ଉପଯୋଗ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି।

ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ୨୦୪୭ ମସିହା ସୁଦ୍ଧା ୬୦ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ସଶକ୍ତୀକରଣ ରାଜ୍ୟ ସରକାରଙ୍କ ପାଇଁ କେବଳ ସ୍ଲୋଗାନ ନୁହେଁ; ଏହା ଏକ ପ୍ରତିବଦ୍ଧତାର ପ୍ରମାଣ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ଯୋଜନା ଓଡ଼ିଶାର ମହିଳାଙ୍କ ଶକ୍ତିକୁ ଭାରତବର୍ଷରେ ପ୍ରତିପାଦିତ କରିଛି ବୋଲି କହିଛନ୍ତି।

## ବିଧାନସଭା

ସପ୍ତଦଶ ବିଧାନସଭାରେ ଷଷ୍ଠ ଅର୍ଥାତ୍ ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତାକାଲିଠାରୁ ଆରମ୍ଭ ହେବ। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଥମ ପର୍ଯ୍ୟାୟ ସୁରୁଖୁରୁରେ ଚାଲି ପାରି ନଥିଲା। ଦ୍ୱିତୀୟ ପର୍ଯ୍ୟାୟ ସ୍ୱାଭାବିକ ହେବା ନେଇ ଆଶା କରାଯାଉଛି। ବିଧାନସଭା କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତାକାଲି ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ଆସନ୍ତା ୧୦ ତାରିଖରୁ ୩୦ ତାରିଖ ଯାଏଁ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଉପସ୍ଥାପିତ ହେବ। ମାର୍ଚ୍ଚ ୩୧ ତାରିଖରେ ଗୃହରେ ବ୍ୟୟ ମଞ୍ଜୁରୀ ବିଧେୟକ ଉପସ୍ଥାପନ କରାଯିବ। ଅଧିବେଶନରେ ବିଭିନ୍ନ ବିଲ୍ ଆଗତ ଏବଂ ପାରିତ ହେବାର ସମ୍ଭାବନା ଥିବା ନେଇ ଆମ ସମ୍ବାଦଦାତା ଜଣାଇଛନ୍ତି।

## ଜନଶୁଣାଣି

ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଜାତୀୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଆସନ୍ତାକାଲି ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସମ୍ବଲପୁର, ଝାରସୁଗୁଡ଼ା ଏବଂ ବରଗଡ଼ ଜିଲ୍ଲାର ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ କରାଯିବ। ପୂର୍ବରୁ ନୋଟିସ୍ କିମ୍ବା ସମନ ପାଇଥିବା ବ୍ୟକ୍ତି ବିଶେଷ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହିବା ପାଇଁ ଆୟୋଗଙ୍କ ତରଫରୁ ସୂଚନା ଦିଆଯାଇଛି।

## ବଜେଟ୍ ଆଲୋଚନା

**ଯାଜପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଚଳିତବର୍ଷର ରାଜ୍ୟ ବଜେଟ୍ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଅମ୍ବର କୁମାର କର ବଜେଟର ବିଭିନ୍ନ ଦିଗ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅର୍ଥନୈତିକ ସର୍ଭେ ରିପୋର୍ଟରେ ଜାତୀୟ ହାର ତୁଳନାରେ ଓଡ଼ିଶାର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା।

## ଓଡ଼ିଶା ଉତ୍ସବ

ବିକଶିତ ଓଡ଼ିଶା ଗଠନରେ ପ୍ରବାସୀ ଓଡ଼ିଆଙ୍କ ଶତପ୍ରତିଶତ ଯୋଗଦାନ ରହିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। କଲିକତାଠାରେ ଆୟୋଜିତ ଓଡ଼ିଶା ଉତ୍ସବ ୨୦୨୬ରେ ଯୋଗଦେଇ ପ୍ରବାସୀ ଓଡ଼ିଆଙ୍କୁ ସମ୍ବୋଧନ କରି ଶ୍ରୀ ସୂରଜ କହିଛନ୍ତି, ଦେଶ ଓ ବିଦେଶରେ ରହୁଥିବା ଓଡ଼ିଆଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ସୁଦ୍ଧା ସମୃଦ୍ଧ

ଓଡ଼ଶାର ପରିକଳ୍ପନା ସାକାର ହେବ। ରଜ, ଦୋଳପୂର୍ଣ୍ଣିମା, ରଥଯାତ୍ରା, ଦୀପାବଳିକୁ ବାହାରେ ରହି ଓଡ଼ିଶାର ଲୋକମାନେ ଭବ୍ୟତା ଓ ଦିବ୍ୟତାର ସହିତ ପାଳନ କରିଥାନ୍ତି। ଯାହା ପରପିଢ଼ି ତଥା ଅମୃତ ପିଢ଼ିକୁ ରାଜ୍ୟର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ସହିତ ନିବିଡ଼ କରିଥାଏ। ରାଜ୍ୟର ଏକ ଗୌରବଶାଳୀ ଅତୀତ ରହିଛି। ଦକ୍ଷିଣପୂର୍ବ ଦେଶ ସମୂହକୁ ଓଡ଼ିଆମାନଙ୍କ ନୌବାଣିଜ୍ୟ, ସାଂସ୍କୃତିକ ଓ ଅର୍ଥନୈତିକ ସ୍ତରରେ ପରିପୋଷଣ କରିଥିଲା। ଏହି ଜାତି ସାହସୀ, ଶିକ୍ଷିତ, ମାର୍ଜିତ ଓ ସଂସ୍କାର ସଂପନ୍ନ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

## ମାରାଥନ

ମହିଳାମାନଙ୍କ ଶାରୀରିକ ସକ୍ଷମତା, ସାମାଜିକ ପରିବର୍ତ୍ତନର ପ୍ରକୃତ ମାଧ୍ୟମ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆୟୋଜିତ ତ୍ରିଦିବସୀୟ କାର୍ଯ୍ୟକ୍ରମର ଅନ୍ତିମ ଦିନରେ ମାରାଥନର  ଶୁଭାରମ୍ଭ କରି ଶ୍ରୀମତୀ ପାଢ଼ୀ କହିଛନ୍ତି, ଜଣେ ମହିଳା ନିଜର ସ୍ୱାସ୍ଥ୍ୟ ଓ ଶାରୀରିକ ସୁସ୍ଥତାକୁ ପ୍ରାଥମିକତା ଦେଲେ ଏକ ମଜଭୁତ ଏବଂ ସମାନତା ଭିତ୍ତିକ ସମାଜର ମୂଳଦୁଆ ପଡିପାରିବ। ଶକ୍ତିର ଗତି, ରାଷ୍ଟ୍ର ପ୍ରଗତୀର ବାର୍ତ୍ତା ନେଇ ଶତାଧିକ ମହିଳା ମାରାଥନରେ ଏକାଠି ହୋଇଥିଲେ।

## ମହିଳା ଦିବସ-ଜିଲ୍ଲା

**ସମ୍ବଲପୁର** ଜିଲ୍ଲା କୁଚିଣ୍ଡା ଟାଉନ୍‌ହଲ୍‌ଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଯୋଗଦେଇ ଜିଲ୍ଲାର ୨ ଲକ୍ଷ ୪୧ ହଜାର ସୁଭଦ୍ରା ହିତାଧିକାରୀଙ୍କୁ ସହାୟତାରାଶି ପ୍ରଦାନ କରିଛନ୍ତି।

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଋଷିକୂଲ୍ୟ ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ୯ ଲକ୍ଷ ୧୨ ହଜାର ୪୦୮ ଜଣ ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୪୫୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଅର୍ଥରାଶି ସ୍ଥାନାନ୍ତର କରିଥିଲେ।

**କଟକ** ଆକାଶବାଣୀ କେନ୍ଦ୍ରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଭିଯାନ୍ତ୍ରିକ ବିଭାଗମୁଖ୍ୟ ଭି.ଏମ୍. ରତ୍ନପ୍ରସାଦ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦ୍ରର ବହୁ ମହିଳା ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

**ଖୋର୍ଦ୍ଧା** ଜିଲ୍ଲା ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ରାଜ୍ୟ କ୍ରୀଡା ଓ ଯୁବସେବା ବ୍ୟାପାର ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଯୋଗ ଓ ଏକ ପଦଯାତ୍ରା ରାଲି ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ଦୈନନ୍ଦିନ ଜୀବନରେ ମହିଳାମାନଙ୍କ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଯୋଗ କାର୍ଯ୍ୟକ୍ରମରେ ପ୍ରାୟ ୬୦୦ ଜଣ ଭାଗ ନେଇଥିଲେ।

**କେନ୍ଦ୍ରାପଡା** ଜିଲ୍ଲା ସଂସ୍କୃତିଭବନ ପରିସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ

ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର ସୁଭଦ୍ରା ହିତାଧିକାରୀମାନଙ୍କୁ ଯୋଜନାର ଅର୍ଥକୁ ସୁବିନିଯୋଗ କରି ସ୍ୱାବଲମ୍ବୀ ହେବା ସହିତ ଆର୍ଥିକ ଭାବେ ସଶକ୍ତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସୁଭଦ୍ରା ଅର୍ଥରାଶିକୁ ବିନିଯୋଗ କରି ସ୍ୱାବଲମ୍ବୀ ହୋଇଥିବା ୫ ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ଦେବଗଡ଼** ଜିଲ୍ଲା ମହିଳା ଓ ଶିଶୁ ବିକାଶ ଓ ଜିଲ୍ଲା ସମାଜ ମଙ୍ଗଳ ପକ୍ଷରୁ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ରାଜ୍ୟରେ ପ୍ରଥମ ଅଙ୍ଗନୱାଡ଼ି କର୍ମୀଭାବେ ଜିଲ୍ଲାର ରଜିପ୍ତା ବିଶ୍ୱାଳଙ୍କୁ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି।

**ରାୟଗଡ଼ା** ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ  ପାଳିତ ହୋଇଯାଇଛି।  ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପରିସରରେ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

**ନୂଆପଡ଼ା** ଜିଲ୍ଲା ପୁଲିସ୍ ପଡିଆଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ଉତ୍ସବ ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କରିବା ସହିତ ଉଲ୍ଲେଖନୀୟ ସଫଳତା ହାସଲ କରୁଛନ୍ତି ବୋଲି କହିଛନ୍ତି।

**ଯାଜପୁର** ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମହିଳା ଦିବସ ଅବସରରେ ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ଅଧିକାରକୁ ସୁରକ୍ଷିତ କରି ଉପଯୁକ୍ତ ନ୍ୟାୟ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା।

**ଭଦ୍ରକ** ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ଜିଲ୍ଲା ପରିଷଦ ସଭା ଗୃହରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ସହାୟତାରାଶି ପ୍ରଦାନ ଉତ୍ସବ ସମେତ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି ।

## ଗଣଦୌଡ଼

**ଭଦ୍ରକ** ଜିଲ୍ଲା ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ମାତୃଭୂମି ସୁରକ୍ଷା ନିମିତ୍ତ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଗଣଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ମା' ତାରିଣୀ ମନ୍ଦିରରୁ ଗଣଦୌଡ଼ ଆରମ୍ଭ ହୋଇ ନଗର ପରିକ୍ରମା କରିଥିଲା ।

## ଖସାପଡା ନୀତି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀଜୀଉମାନଙ୍କର ଖସାପଡା ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଗୁପ୍ତ ନୀତି ସମ୍ପନ୍ନ ହେବ । ଏଥିପାଇଁ ସର୍ବସାଧାରଣ ଦର୍ଶନ ପ୍ରାୟ ୪ ଘଣ୍ଟା ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ପାଣିପାଗ

ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶାର ବାୟୁମଣ୍ଡଳରେ ସକ୍ରିୟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।